## ଶ୍ୱଶୁର ଘର ଗାଁରୁ ଚୋରି କରି ଯୁବକ ଗିରଫ

ସୋର, (ଡି.ଏନ.ଏ.)-ସୋର ବ୍ଲକ୍ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗାଁରେ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗ୍ରାମର ଜୟନ୍ତୀ ନାୟକଙ୍କ ଘରେ ଗତ ସୋମବାର ବେଳେ ଖଇରା ଥାନା ବଟେଶ୍ୱର ଗ୍ରାମର ଜଗନ ଦେହୁରୀଙ୍କୁ ଗ୍ରାମବାସୀ ଅଟକ ରଖି ଥାନାକୁ ଖବର ଦେଇଥିଲେ। ସୋର ପୋଲିସ ପହଞ୍ଚି ଜଗନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଥିଲେ। ମଙ୍ଗଳବାର ଜୟନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ଏକ ମାମଲା(ନଂ. ୫୧୪/୨୨) ରୁଜୁ କରି ଜଗନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି।

### ସଂକ୍ଷେପରେ

## ଦନ୍ତା ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ

କେନ୍ଦୁଝର/ଯୋଡ଼ା/ଚମ୍ପୁଆ,୩୦।୧୧ (ଡି.ଏନ.ଏ/ସ୍ୱ.ପ୍ର): କେନ୍ଦୁଝର ଜିଲା ଚମ୍ପୁଆ ସେକ୍ସନର କାଳିକା ପ୍ରସାଦ ବିଟ୍ ଅଧୀନସ୍ଥ ମିରିଗିସିଙ୍ଗା ଜଙ୍ଗଲରେ ଦନ୍ତା ଆକ୍ରମଣରେ ଜଣେ ଗଜସାଥୀଙ୍କ ମୃତ୍ୟୁ ହୋଇଛି। ମୃତକ ମିରିଗିସିଙ୍ଗାର ସଞ୍ଜୟ ମୁଣ୍ଡା (୨୦)। ଚମ୍ପୁଆ ଫରେଷ୍ଟର ପିଅନ ନାଏକଙ୍କ ସୂଚନା ଅନୁଯାୟୀ, ବାଲିବନ୍ଧ ଅଞ୍ଚଳରୁ ୧୦ଟି ହାତୀ ଆସି ଦୀର୍ଘ ଦିନ ହେଲା ଚମ୍ପୁଆ ରେଞ୍ଜ ମିରିଗିଶିଙ୍ଗାରେ ବୁଲି ଧାନ ଖାଇବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଗଜସାଥୀମାନେ ହାତୀପଲ ଘଉଡ଼ାଇବା ବେଳେ ସଞ୍ଜୟ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଘୋଷାଡ଼ି ନେଇ କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଚମ୍ପୁଆ ଡାକ୍ତରଖାନା ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯୋଗ୍ୟ, ପ୍ରାୟ ୩୩ଟି ହାତୀ ଚମ୍ପୁଆ ରେଞ୍ଜରେ ଅଛନ୍ତି। ବନ ବିଭାଗକୁ ସହଯୋଗ କରିବା ନିମନ୍ତେ ୧୮୫ ଜଣ ଗଜସାଥୀ କର୍ମୀ ରହିଛନ୍ତି।

## ଗୋଟିଏ ରାତିରେ ୩ ଦୋକାନରୁ ଚୋରି

ଖଇରା, ୩୦।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ଥାନାଠାରୁ ଅନ୍ୟୁନ ୪ଶହ ମିଟର ଦୂରତା ଭିତରେ ଥିବା ୩ ଦୋକାନରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖଇରା-ପୁରୁଷୋତ୍ତମପୁର ରାସ୍ତାର ଖଇରା ମେଡିକାଲ କଡରେ ଥିବା ଦୁର୍ଗା ମେଡିକାଲ ଷ୍ଟୋରର ସ୍କାଏଲାଇଟ ଭାଙ୍ଗି ସୋକେସରେ ଥିବା ପାଖାପାଖି ୧୩ ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି। ସେହିଭଳି ନଟାପଡା ଛକରେ ଥିବା ବସନ୍ତ ପଣ୍ଡା ପାନ ଦୋକାନ ଓ ବିପିନ କୁମାର ଦାସଙ୍କର ଓମଫେଡ ପାର୍ଲରୁ ବହୁ ସାମଗ୍ରୀ ଚୋରି ହୋଇଛି। ଖଇରା ପୋଲିସ ପହଞ୍ଚି ତଦନ୍ତ କରିଛି।

## ନିଆଁରେ ପୋଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ରୂପସା, ୩୦।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିଆଁରେ ପୋଡ଼ି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ସାର୍ଥା ଫାଣ୍ଡି ତରଡ଼ାବୁଧିଆ ଗାଁର ରିନା ଖଣ୍ଡା(୨୧)। ତାଙ୍କ ସ୍ୱାମୀ ଶିବାନନ୍ଦଙ୍କୁ ଚିକିତ୍ସା ଲାଗି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ପାରିବାରିକ କଳହ ଯୋଗୁ ସ୍ତ୍ରୀ ରୀନା ରାତିରେ ଘର ଭିତରେ ଦେହରେ କିରୋସିନି ଢାଳି ନିଆଁ ଲଗାଇଥିଲେ। ଘର ଭିତରେ ଧୂଆଁ ବାହାରୁଥିବା ଦେଖି ଶିବାନନ୍ଦ ଦୌଡ଼ି ଯାଇ ରିନାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ଚିତ୍କାର କରିଥିଲେ। ଶିବାନନ୍ଦ ସେଠାରେ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସେ ମଧ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲ ନେବା ବାଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ସନ୍ଦେହ ହୋଇଥିଲା। ସେଠାରୁ ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ପୁଣି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ରିନାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ୪ ବର୍ଷ ପୂର୍ବରୁ ସେମାନଙ୍କ ବିବାହ ହୋଇଥିଲା। ସେମାନଙ୍କର ଜଣେ ୩ବର୍ଷର ଶିଶୁ କନ୍ୟା ଅଛି। ସ୍ୱାମୀ ସବୁବେଳେ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ସ୍ତ୍ରୀ ଏହାକୁ ବାରଣ କରିଆସୁଥିଲେ। ଫଳରେ ଉଭୟଙ୍କ ମଧରେ ବାରମ୍ବାର କଳହ ଲାଗୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ବୈଶିଙ୍ଗା,୩୦।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ବୁଧବାର ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ପ୍ରଶାସନକୁ ଚକମା ଦେଇ ଚୋରା କାଠ ବେପାରୀମାନେ କାରବାର ଚଳାଇ ଆସୁଛନ୍ତି। କାଠ ବୋଝେଇ ଗାଡ଼ିଗୁଡ଼ିକ ଶିମିଳିପାଳ ପାଦଦେଶରୁ ବାହାରି ଡୁକୁରା, ବଡ଼ସାହି, ଭିମଦା, ମାଣତ୍ରୀ ପରେ ବୈଶିଙ୍ଗା ଫ୍ଲାଏଓଭର ବ୍ରିଜ୍ ଉପର ଦେଇ ବାଲେଶ୍ୱର ଜିଲାକୁ ପଳାଇ ଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ବୈଶିଙ୍ଗା ପୋଲିସ କାଠ ଚୋରଙ୍କ ଉପରେ ନଜର ରଖିଥିଲା। ବୁଧବାର ପାଟ୍ରୋଲିଂ ସମୟରେ ବୈଶିଙ୍ଗା ପୋଲିସ ସନ୍ଦେହରେ ଉକ୍ତ ପିକ୍‌ଅପ୍ ଭ୍ୟାନକୁ ଯୁଗପୁରାଠାରେ ଅଟକାଇ ତଲାସି କରିବାରୁ ସେଥିରେ ମୂଲ୍ୟବାନ ଶାଗୁଆନ, ଆକାଶିଆ କାଠ ଗଣ୍ଡି ଥିବା ଜଣାପଡ଼ିଥିଲା।

# ଯେଉଁଠି ପ୍ରକୃତି କୁହେ କଥା

### ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ପଞ୍ଚଲିଙ୍ଗେଶ୍ୱର, କୁଳଡ଼ିହା

ପ୍ରଶାନ୍ତ ବିଶ୍ୱାଳ
ନୀଳଗିରି, ୩୦।୧୧

ଶୀତର ଆଗମନ ସାଙ୍ଗକୁ ଆରମ୍ଭ ହୋଇଛି ପର୍ଯ୍ୟଟନ ଋତୁ। ପାଗ ଅନୁକୂଳ ଥିବାରୁ ଶନିବାର ଓ ରବିବାର ଭଳି ଛୁଟି ଦିନରେ ବାଲେଶ୍ୱର ଜିଲା ନୀଳଗିରିକୁ ଶହ ଶହ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଗହଳଚହଳରେ ଚଳଚଞ୍ଚଳ ହୋଇଉଠିଛି ସୌନ୍ଦର୍ଯ୍ୟର ଗନ୍ତାଘର ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଓ ସବୁଜ ବନାନୀ କୁଳଡ଼ିହା ଅଭୟାରଣ୍ୟ। ପର୍ଯ୍ୟଟନ ମାନଚିତ୍ରରେ ଉତ୍ତରଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଏହି ଦୁଇ ସ୍ଥାନକୁ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକ ପ୍ରାକୃତିକ ପରିବେଶ ଉପଭୋଗ ସାଙ୍ଗକୁ ବଣଭୋଜି, ଶୈବପୀଠ ଦର୍ଶନ ପାଇଁ ଆସିଥାନ୍ତି। ଅନ୍ୟଦିନ ତୁଳନାରେ ଶୀତ ଋତୁରେ ଅଧିକ ସଂଖ୍ୟକ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଏଠାରେ ପ୍ରକୃତି କଥା କହେ ବୋଲି ପ୍ରକୃତିକୁ ଅତି ନିକଟରୁ ଅନୁଭବ କରୁଥିବା ପର୍ଯ୍ୟଟକମାନେ ଅନୁଭୂତିରେ ବଖାଣିଥାନ୍ତି।

ନୀଳଗିରି ନିକଟରେ ବହୁ ବର୍ଷ ପୂର୍ବରୁ ଦେବଗିରି ପର୍ବତମାଳାର ଏକ ଚିରସ୍ରୋତା ଝରଣାର ପଥରଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗଙ୍କୁ ଦର୍ଶନ କରିବା ଲାଗି ଭକ୍ତ ଓ ପର୍ଯ୍ୟଟକ ୨୬୩ ପାହାଚ ଅତିକ୍ରମ କରିଥାନ୍ତି। ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ପାଦଦେଶରେ ବଣଭୋଜିର ମଜା ନେଇ ଫେରିଥାନ୍ତି। ସେଠାରେ ରାତ୍ରିଯାପନ ପାଇଁ ପର୍ଯ୍ୟଟନ ବିଭାଗ ପାନ୍ଥନିବାସ, ଏକାଧିକ ଘରୋଇ ନିବାସୀ ସୁବିଧା ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ବାଲେଶ୍ୱର ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ଆସିବା ରାସ୍ତାରେ କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ନୀଳଗିରିର ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥଙ୍କ ସହିତ ନୀଳଗିରିର ଐତିହାସିକ ରାଜବାଟି ଓ ନୀଳଗିରିରୁ ମାତ୍ର ୪ କି.ମି. ଦୂର ସଜନାଗଡ଼ ସେଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ମା' ଭୂଧାରଚଣ୍ଡୀଙ୍କ ପୀଠ ସମେତ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି।


ପଞ୍ଚଲିଙ୍ଗେଶ୍ୱର ଶୈବପୀଠ।

କୁଳଡିହା ଅଭୟାରଣ୍ୟରେ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନବିଭାଗ ପକ୍ଷରୁ ଗୋହିରାଭୋଳଠାରେ ରାତ୍ରିରହଣୀ ନିମନ୍ତେ 'ରିଷିୟା ପ୍ରକୃତି ନିବାସ'ରେ ୯ଟି ତମ୍ବୁଘର, ପିଇବା ପାଣି, ଶୌଚାଳୟ ଏବଂ ଆଲୋକ ବ୍ୟବସ୍ଥା ରହିଛି। ରୁଚିକର ଖାଦ୍ୟ ସହ ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ପାଇଁ ରିଷିୟା ଡ୍ୟାମ୍‌ରେ ବୋଟିଂ ବ୍ୟବସ୍ଥା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିଛି। ତେବେ ଏଠାରେ ମାଦକଦ୍ରବ୍ୟ ଓ ମାଂସ ଉପରେ କଟକଣା ରହିଛି। ବଣପାହାଡ଼ ଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଳଡ଼ିହା ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟ ସହ ପର୍ଯ୍ୟଟକମାନେ ବୁଲିବା ସମୟରେ ୪ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାର ଅତି ନିକଟରୁ ପଶୁପକ୍ଷୀଙ୍କୁ ଦେଖିବା ବ୍ୟବସ୍ଥା ରହିଛି। ଅଭୟାରଣ୍ୟକୁ ଲାଗି ରହିଥିବା ଡ୍ୟାମ୍ ସାତଘାଟି, ରିଷିଆ, ଜଡ଼ାଚୁଆ ଅଞ୍ଚଳରେ ଆସିଥିବା ପର୍ଯ୍ୟଟକ ବିଭିନ୍ନ ବନ୍ୟଜନ୍ତୁ ସମେତ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଅବାଧ ବିଚରଣ ରୋମାଞ୍ଚକର ଅନୁଭୂତି ନେଇଥାନ୍ତି। ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଛି। ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଛି। ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ ହଜାର ୯୦୦ ଟଙ୍କା ଧାର୍ଯ୍ୟ ସହ ଅନ୍‌ଲାଇନରେ ବୁକିଂ ଓ ୱେବ୍‌ସାଇଟ୍ ଖୋଲାଯାଇଛି। କୁଳଡ଼ିହା ଅଭୟାରଣ୍ୟ ଭିତରେ ବଣଭୋଜିର ଅନୁମତି ନ ଥିବାରୁ କେହି କେହି ରିଷିୟା ଡ୍ୟାମ ନିକଟରେ ବଣଭୋଜିର ମଜା ନେଇଥାନ୍ତି।

## ପୌର ନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ଧାରଣା


ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ କାଉନସିଲର।

ଭଦ୍ରକ ଅଫିସ, ୩୦।୧୧

ଭଦ୍ରକ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବଦଳି ଦାବି କରି ସ୍ୱାଧୀନ ଓ କଂଗ୍ରେସ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବୁଧବାର ପୂର୍ବାହ୍ନରୁ ଧାରଣାରେ ବସିଛନ୍ତି। ବିଗତ ୮ ମାସ ହେବ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପାତରଅନ୍ତର ନୀତି ଅବଲମ୍ବନ କରିବା, ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା, ଲୋକ ପ୍ରତିନିଧିଙ୍କୁ ଅସମ୍ମାନ କରିବା, ୱାର୍ଡନଂ.୧୭ର ପାରିଷଦ ଫରିୟାଦ ଖାଁ ଓ ୱାର୍ଡନଂ. ୨୨ର ପାରିଷଦ ଇଲିୟାସ ଖାଁଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରି ମାମଲା ରୁଜୁ କରାଇବା ଆଦି ଅଭିଯୋଗ କରି ଏହି ଧାରଣା ଦିଆଯାଇଛି। ଏପରି ଘଟଣା ପାଇଁ ନିର୍ବାହୀ ଅଧିକାରୀଙ୍କ ନାମରେ ପୂର୍ବରୁ ଥାନାରେ ଅଭିଯୋଗ ରହିଛି। ଏହି ବିବାଦୀୟ ଅଫିସରଙ୍କୁ ୭୨ ଘଣ୍ଟା ମଧ୍ୟରେ ବଦଳି କରିବା ପାଇଁ କାଉନସିଲରମାନେ ପୂର୍ବରୁ ଜିଲା ପ୍ରଶାସନକୁ ଅବଗତ କରାଇବା ସହ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ୭୨ ଘଣ୍ଟା ପୂରିଯିବା ପରେ ନିର୍ବାହୀ ଅଧିକାରୀଙ୍କ ବଦଳି ନ ହେବାରୁ କାଉନସିଲର ହେମନ୍ତ ସାହୁ, ରୁକ୍‌ସାନା ଖାତୁନ, ଜାହିଦ ସାହା, ଯମୁନା ସୋରେନ, ଶେଖ ସାହିଲ କାଦ୍ରୀ, ଫରିୟାଜ ଖାଁ ପ୍ରମୁଖ କାଉନସିଲରମାନେ ଧାରଣାରେ ବସିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସେମାନେ କହିଛନ୍ତି।

## ଲାଞ୍ଚ ମାମଲାରେ ପୂର୍ବତନ ପିଇଓଙ୍କୁ ୪ ବର୍ଷ ଜେଲ

ବାରିପଦା ଅଫିସ,୩୦।୧୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବୁଧବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରସନ୍ନ କୁମାର ପଣ୍ଡା ଏହାର ବିଚାର କରି ଜଣେ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୫ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ବାଙ୍ଗିରିପୋଷି ବ୍ଲକ କୁମ୍ଭାର ମୁଣ୍ଡାକଟା ଗ୍ରାମର ଏକାଦଶୀ ପ୍ରଧାନ।

ସୂଚନା ଅନୁଯାୟୀ, ଏକାଦଶୀ ସାରସକଣା ବ୍ଲକ ଅଧୀନ ଧାଙ୍ଗଡ଼ିଶୋଳ ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରୁଥିଲେ। ବିଷୟା ଧୀର ନାମକ ଜଣେ ମହିଳାଙ୍କୁ ଆବାସ ଗୃହ ଯୋଗାଇ ଦେବାକୁ ସେ ୬ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମହିଳା ଜଣକ ୪ ହଜାର ଟଙ୍କା ଦେବେ ବୋଲି କଥା ଛିଡ଼ିଥିଲା। ଏନେଇ ମହିଳାଙ୍କ ସ୍ୱାମୀ ଲାଲ ମୋହନ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ୨୦୧୬ ମାର୍ଚ୍ଚ ୨୮ରେ ପିଇଓ ପ୍ରଧାନ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲେ । ତାଙ୍କଠାରୁ କେମିକାଲ ବୋଳା ନୋଟ ଉଦ୍ଧାର ହୋଇଥିଲା। ଏସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୧୮/୧୬) ରୁଜୁ ହୋଇଥିଲା। ରାୟ ପ୍ରକାଶ ପାଇବା ପରେ ଏକାଦଶୀଙ୍କୁ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି । ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ମାମଲା ପରିଚାଳନା କରୁଥିଲେ।

## ପୂର୍ବତନ ପିଇଓ, ସରପଞ୍ଚଙ୍କୁ ୩ ବର୍ଷ ଜେଲଦଣ୍ଡ

### ଭତ୍ତା ଟଙ୍କା ହଡ଼ପ ମାମଲା

କେନ୍ଦୁଝର,୩୦।୧୧ (ସ୍ୱ.ପ୍ର.)

ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଭଇଁରପୁର ପଞ୍ଚାୟତର ୨ ଜଣ ପୂର୍ବତନ ପିଇଓଙ୍କ ସମେତ ଜଣେ ପୂର୍ବତନ ସରପଞ୍ଚଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ୩୫ ହଜାର ଟଙ୍କା ଜରିମାନା ହୋଇଛି ଓ ଅନାଦାୟ ଅତିରିକ୍ତ ୬ ମାସ ଦଣ୍ଡ ଆଦେଶ ହୋଇଛି। ବୁଧବାର କେନ୍ଦୁଝର ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ରଞ୍ଜୁଲତା ଲେଙ୍କା ଏହି ଆଦେଶ କରିଛନ୍ତି।

ସୂଚନା ମୁତାବକ, ଭଇଁରପୁର ପଞ୍ଚାୟତରେ କେତେକ ମୃତ ହିତାଧିକାରୀଙ୍କୁ ଜୀବିତ ଦର୍ଶାଇ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ ହୋଇଥିଲା। ଏ ବାବଦରେ ପାଖାପାଖି ୪ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ହୋଇଥିବା ନେଇ ବିଡ଼ିଓ ତଦନ୍ତ କରିଥିଲେ। ୧୯ ଜଣ ମୃତ ହିତାଧିକାରୀଙ୍କ ଜୀବିତ ଦର୍ଶାଇ ଏବଂ ୭ ଜଣ ନକଲି ହିତାଧିକାରୀ ତଥା ୪୯ ଜଣ ହିତାଧିକାରୀଙ୍କ ନାମ ୨ ଥର ପେନ୍‌ସନ୍ ରେଜିଷ୍ଟ୍ରରରେ ଦର୍ଶାଇ ଉକ୍ତ ଟଙ୍କା ହଡ଼ପ ହୋଇଥିଲା। ଏ ନେଇ ତଦନ୍ତ ସମୟରେ ଭଇଁରପୁର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଶୁକଦେବ ମହାନ୍ତ ୭୪ ହଜାର ୨୦୦ ଟଙ୍କା, ପୂର୍ଣ୍ଣଚନ୍ଦ୍ର ପାତ୍ର ୧୧ହଜାର ୫୦୦ ଟଙ୍କା ଏବଂ ପୂର୍ବତନ ସରପଞ୍ଚ କୁନ୍ତଳା ଦେହୁରୀ ୩ ଲକ୍ଷ ୬୮ ହଜାର ୯୦୦ ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା। ତଦନ୍ତରେ ଅର୍ଥ ହଡ଼ପ ହୋଇଥିବା ଜଣାପଡ଼ିବା ପରେ ବିଡିଓ ଥାନାରେ ଏତଲା କରିଥିଲେ। ହରିଚନ୍ଦନପୁର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫଦାରୀକୁ ଏଡ଼ାଇବା ପାଇଁ ଆଗୁଆ ଜାମିନରେ ଥିଲେ। କୋର୍ଟ ଉକ୍ତ ମାମଲାର ଶୁଣାଣି କରି ଉକ୍ତ ଦଣ୍ଡାଦେଶ କରିଛନ୍ତି। ଏହି ଠକେଇ ୨୦୧୪-୧୫ ଏବଂ ୨୦୧୫-୧୬ ମସିହାରେ ହୋଇଥିବା ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ପିପି ଅଶୋକ ଦାସ ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ଦିନରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

### ଉର୍ସ ଉତ୍ସବ
### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଧାମନଗର,୩୦।୧୧(ସ୍ୱ.ପ୍ର./ଡି.ଏନ.ଏ.)

ପୀରବାବା ହଜରତ ମୁଜାହିଦ-ଏ- ମିଲ୍ଲତ ତଥା ମୌଲାନା ସୟଦ ସାହା ମହମ୍ମଦ ହବିବୁର ରହେମାନଙ୍କ ୪୩ତମ ପବିତ୍ର ଉର୍ସ ଉତ୍ସବ ଧାମନଗର ସ୍ଥିତ ଖାନକା ସରିଫ୍ ପରିସରରେ ପାଳନ ହୋଇଛି। ଭାରତ ପ୍ରସିଦ୍ଧ ଏହି ଉର୍ସ ଉତ୍ସବର ପ୍ରଥମ ଦିନରେ ଦେଶର ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରୁ ପୀରବାବାଙ୍କ ଲକ୍ଷାଧିକ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବୁଧବାର ସକାଳେ ବିଶିଷ୍ଟ ମୌଲାନାଙ୍କ ଦ୍ୱାରା କୋରାନ ଖାନି ପରେ ପୀରବାବାଙ୍କୁ ସର୍ବସାଧାରଣଙ୍କ ଦର୍ଶନ ସହିତ ଆସ୍ଥାନରେ ଗୋଲାପ ଜଳ ଓ ଫୁଲ ଚଢ଼ାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ରାତିରେ ସର୍ବଭାରତୀୟ ମୁସାୟରା ଓ ଉର୍ଦ୍ଦୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ମୌଲାନା, ଉର୍ଦ୍ଦୁ କବି ଓ ସାୟର ପ୍ରମୁଖ ଯୋଗଦେଇ ପୀରବାବାଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଶାନ୍ତି ଶୃଙ୍ଖଳା



ରକ୍ଷା ନିମନ୍ତେ ଏସ୍‌ପି ଚରଣ ସିଂ ମୀନାଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି, ୬ ଉପ ଆରକ୍ଷୀ ଅଧିକ୍ଷକ, ୧୫ ନିରୀକ୍ଷକ, ୮୮ ଉପ ନିରୀକ୍ଷକଙ୍କ ସହିତ ସହ-ଉପ ନିରୀକ୍ଷକ ,୧୯ ପ୍ଲାଟୁନ ଫୋର୍ସ, ୩୩ ହାବିଲଦାର, ୮ ଟ୍ରାଫିକ କନଷ୍ଟେବଲ ଓ ୫୨ ଗୃହରକ୍ଷୀ ନିୟୋଜିତ ହୋଇଥିବା ଥାନାଧିକାରୀ ବନମାଳୀ ବାରିକ ସୂଚନା ଦେଇଛନ୍ତି। ସେହିପରି ଧାମନଗରରୁ ଦୋବଲ ଯାତାୟାତ ପାଇଁ ବାଇପାସ ରାସ୍ତା, ବିଭିନ୍ନ ଛକରେ ଟ୍ରାଫିକ ବ୍ୟବସ୍ଥା , ଖାନକାର ବିଭିନ୍ନ ଗେଟରେ ଫୋର୍ସ ମୁତୟନ ଓ ପାନୀୟଜଳ ଯୋଗାଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ଜଗଜିତ୍


@ପ୍ରଭାତ


@ରାମ


@ଖୁସବୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଗ୍ରାମ ନିକଟରୁ ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା


ଘଟଣାସ୍ଥଳରେ ଗ୍ରାମବାସୀ ଓ ପୋଲିସ।

ଆନନ୍ଦପୁର/ଘଗସିପୁରା,୩୦।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):

କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ ସରେଇଁ ଗ୍ରାମ ନିକଟ କୁଶେଇ ନଦୀ ବାଲି ସୈରାତ ଅଞ୍ଚଳରୁ ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ନଦୀ ଘାଟକୁ ଯିବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା କାର୍ଯ୍ୟ ଚାଲୁଥିବା ସମୟରେ ବାଲି ନିଲାମଧାରୀଙ୍କ ୧୫ ରୁ ଊର୍ଦ୍ଧ୍ୱ ସମର୍ଥକ କାର୍ଯ୍ୟରେ ନିୟୋଜିତ ମିସ୍ତ୍ରୀଙ୍କୁ ଗାଲିଗୁଲଜ କରିଥିଲେ। ନିର୍ମାଣଧୀନ ପାହାଚକୁ ଭାଙ୍ଗିବା ସହିତ ତା ଉପରେ ବାଲି ନେବାକୁ ଚେଷ୍ଟାକରିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଦୁଇ ପକ୍ଷ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଘସିପୁରା ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀ ଓ ଲିଜ୍‌ଧାରୀ ଥାନାରେ ଉପସ୍ଥିତ ହୋଇ ଆପୋଷ ବୁଝବଣା ଦ୍ୟମ କରାଯାଇଥିବା ଜଣାପଡ଼ିଛି। ତେବେ ବାଲିଘାଟ ସମ୍ପର୍କିତ ବିବାଦକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ବିକ୍ରମ ସ୍ୱାଇଁ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କ ନାମରେ ଏତଲା ଦେଲେ ବିଇଓ

### ଜାଲ ସାର୍ଟିଫିକେଟରେ ଚାକିରି

ପାଟଣା,୩୦।୧୧(ସ୍ୱ. ପ୍ର)

କେନ୍ଦୁଝର ଜିଲା ସାହାରପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଗତ ଗଣ୍ଡବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ସୁଶାନ୍ତ ସାହୁ ଜାଲ ବିଇଡି ସାର୍ଟିଫିକେଟରେ ଚାକିରି କରି ଅଡୁଆରେ ପଡ଼ିଛନ୍ତି। ଏ ନେଇ ଜଣାପଡ଼ିବା ପରେ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ ନିର୍ଦ୍ଦେଶରେ ବ୍ଲକ୍ ଶିକ୍ଷାଧିକାରୀ ଉତ୍ତମ ନାୟକ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ଘର ଯାଜପୁର ଜିଲା ଛତିଆ ଅଞ୍ଚଳରେ ବୋଲି ଜଣାପଡ଼ିଛି।

ସୂଚନା ଯେ, ସୁଶାନ୍ତ ଗତ ୪ ବର୍ଷ ପୂର୍ବେ ଉକ୍ତ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକଭାବେ ନିଯୁକ୍ତ ହୋଇଥିଲେ। ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିକଟରେ ସୁଶାନ୍ତ ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି କରିଥିବାର ଅଭିଯୋଗ ପରେ ସମ୍ପୃକ୍ତ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଏ ସମ୍ପର୍କରେ କ୍ଲାରିଫିକେସନ ମଗିଥିଲେ। ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି କରିବା ଜଣାପଡ଼ିବା ପରେ ଡିପିସି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାହାରପଡ଼ା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ସାହାରପଡ଼ା ନାୟକ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବାର ତନାଘନା ପରେ ସେ ସ୍କୁଲ ଛାଡ଼ି ପଳାଇଛନ୍ତି। ୬ ମାସ ହେବ ତାଙ୍କ ଦରମା ବନ୍ଦ କରାଯାଇଛି ବୋଲି କହିଛନ୍ତି। ପାଟଣା ଥାନାରେ ୨୪୯/୨୨ ରେ ଏକ ମାମଲା ରୁଜୁ ହୋଇ ୪୨୦, ୪୬୮, ୪୭୧ ଧାରାରେ ତଦନ୍ତ ଜାରି ରହିଥିବା ଏସ୍‌ଆଇ ମନୋରମା ସ୍ୱାଇଁ କହିଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୧ ଡିସେମ୍ବର, ୨୦୨୨

## ଯୁବକଙ୍କୁ ମାଡ଼ମାରି ବାଇକ, ଟଙ୍କା ନେଇଗଲେ

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହରର ଧରଣୀଧର ଛକ ନିକଟରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ମାଡ଼ମାରି ବାଇକ, ଟଙ୍କା ଓ ମୋବାଇଲ ନେଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ପବିତ୍ର ମୁଣ୍ଡା ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସେ ଖଣ୍ଡବନ୍ଧ ଅଞ୍ଚଳରୁ ଫେରୁଥିବା ବେଳେ ରାତି ପ୍ରାୟ ୮.୩୦ ସମୟରେ ଉକ୍ତ ଛକ ନିକଟସ୍ଥ ଗୋ ଏଲ ମାର୍ଟ ଦୋକାନ ସମ୍ମୁଖ ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ମାଡ଼ ମାରି ତାଙ୍କଠାରୁ ବାଇକ, ଟଙ୍କା ଓ ମୋବାଇଲ ଲୁଟି ନେଇଥିବା କହିଛନ୍ତି।

# ଉତ୍ତର ଓଡ଼ିଶା

## ସଂକ୍ଷେପରେ

### ପୂର୍ବତନ ପିଇଓ ନିଲମ୍ବିତ

ଭୋଗରାଇ, ୩୦।୧୧(ଡି.ଏନ.ଏ.)- ସରକାରୀ ଅର୍ଥ ତୋଷରପାତ, କାର୍ଯ୍ୟରେ ଅନିୟମିତତା, ଅବହେଳାଜନିତ କାରଣରୁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ହରିଶଙ୍କର ଧଳଙ୍କୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।ଉକ୍ତ ପଞ୍ଚାୟତରେ ପୂର୍ବରୁ ୪୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ତୋଷରପାତ ସମ୍ପର୍କରେ ପଞ୍ଚାୟତବାସୀ ଭୋଗରାଇ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପଞ୍ଚାୟତରେ କାର୍ଯ୍ୟ ନ ହୋଇ ସରକାରୀ ଅର୍ଥ ହଡ଼ପ, କାର୍ଯ୍ୟ ହୋଇଥିବା ବିଲ୍ ନ କରି ମନମୁଖୀ କାର୍ଯ୍ୟ କରିବା ଅଭିଯୋଗ ନେଇ ଜିଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସମସ୍ତ ବକେୟା ଅର୍ଥ ୭ ଦିନ ମଧ୍ୟରେ ସରକାରୀ ତହବିଲରେ ଜମା ନ କଲେ ସ୍ଥାନୀୟ ଥାନାରେ ତାଙ୍କ ନାମରେ ଏତଲା ଦେବାକୁ ଜିଲାପାଳ ଭୋଗରାଇ ବିଡିଓଙ୍କୁ ନୋଟିସ୍ ପଠାଇଛନ୍ତି। ନିଲମ୍ବିତ ହୋଇଥିବା ପିଇଓ ଏବେ ଖଇରା ବ୍ଲକ ବିଡିଓଙ୍କ ତତ୍ତ୍ୱାବଧାନରେ ରହିଥିବା ସୂଚନା ମିଳିଥିବା ବେଳେ ବେକାରୀ ଯୁବତୀଯୁବକଙ୍କୁ ଚାକିରି କରିଦେବାକୁ କହି ବହୁ ଅର୍ଥ ଆତ୍ମସାତ୍ କରିଥିବା ସାଂଘାତିକ ଅଭିଯୋଗ ଆସିଛି।

### ସାପ କାମୁଡ଼ାରେ ମହିଳା ଗୁରୁତର

ବୈଶିଙ୍ଗା,୩୦।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଳୀପୁରା ପଞ୍ଚାୟତ ଖଣ୍ଡଦେଉଳିଆ ଗ୍ରାମର ଜଣେ ମହିଳା ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ସୁରେନ୍ଦ୍ର ସିଂଙ୍କ ସ୍ତ୍ରୀ ଭାରତୀ (୪୭)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସେ ଧାନ କାଟିବା ପାଇଁ ବିଲକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା।

### ଏନ୍‌ସିସି ଦିବସ

ଗୋପବନ୍ଧୁ ନଗର,୩୦।୧୧(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଏନସିସି ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ଅଧିକାରୀ ଲେଫ୍ଟନାଣ୍ଟ ଅଧ୍ୟାପକ ଉମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣମୋହନ ବେହେରା, ସମ୍ମାନିତ ଅତିଥି ଖବରଦାତା ନିମାଇଁ ପ୍ରସାଦ ଦାଶ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଡୁଆଳ ପ୍ରମୁଖ ଯୋଗଦେଇ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଏନ୍‌ସସି କ୍ୟାଡେଟ୍‌ମାନେ ଶପଥ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୮ଜଣ କ୍ୟାଡେଟ୍‌ଙ୍କୁ ପଦକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କର୍ମଚାରୀ ଦୀନବନ୍ଧୁ ଦାସ, ଗୋଲକ ବିହାରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୋଟ ୫୬ ଜଣ ଏନ୍‌ସସି କ୍ୟାଡେଟ୍ ଏଥିରେ ଯୋଗ ଦେଇଥିଲେ।

### ଚୋରାଚାଲାଣ ବେଳେ କାଠ ବୋଝେଇ ପିକ୍‌ଅପ୍ ଜବତ

ନୀଳଗିରି, ୩୦।୧୧(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ପୋଡ଼ାଶୁଳ ଶିଆଡ଼ିମାଳ ରାସ୍ତାର ଶନି ମନ୍ଦିର ନିକଟରେ ବୁଧବାର ଚୋରାରେ ଚାଲାଣ ହେଉଥିବା ଏକ କାଠ ବୋଝେଇ ପିକ୍‌ଅପ୍ (ନଂ. ଡବ୍ଲୁବି୩୧-୪୦୯୨)ଜବତ କରାଯାଇଛି। ପିକ୍‌ଅପ୍‌ରୁ ବନବିଭାଗ ୧୬ ପିସ୍ କାଠ ଗଣ୍ଡି ଜବତ କରିଛି। ଟ୍ରକ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଛନ୍ତି। ମୋଟ୍ ୫୩.୧୨ ସିଫ୍ଟ କାଠ ଜବତ ହୋଇଛି। ଏହି ଚଢ଼ାଉରେ କୁଲଡ଼ିହା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ ଏବଂ ପ୍ରୋଟେକ୍ସନ୍ ଆସିଷ୍ଟାଣ୍ଟ ଗଣେଶ୍ୱର ବିଶ୍ୱାଳ ସାମିଲ୍ ଥିଲେ।

### ମଦ ସହ ସ୍କୁଟି ଜବତ, ଜଣେ ଗିରଫ

କେନ୍ଦୁଝର,୩୦।୧୧(ସ୍ୱ.ପ୍ର): କେନ୍ଦୁଝର ଅବକାରୀ ବିଭାଗ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶରେ ସଦର ଓ ଟାଉନ ଥାନା ଅଞ୍ଚଳରେ ଚଢ଼ାଉ କରି ୯୮୫ କେଜି ମହୁଲ ପୋଚ ନଷ୍ଟ କରିଥିବାବେଳେ ୧୬୨ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛି। ଏଥିସହ ବେଆଇନ ନିଶା କାରବାର ଅଭିଯୋଗରେ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ଦିବାକର ମାଝୀ(୪୫) ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# କେନ୍ଦୁଝରରେ ୪ ବର୍ଷରେ ଗଲାଣି ୨୬ ଜୀବନ

କେନ୍ଦୁଝର, ୩୦।୧୧ (ସ୍ୱ.ପ୍ର.)



**ଆଜି ବିଶ୍ୱ ଏଡ୍‌ସ ଦିବସ**

- ସଚେତନତା ସତ୍ତ୍ୱେ କମୁନି ଆକ୍ରାନ୍ତଙ୍କ ସଂଖ୍ୟା
- ୪୪୨ ଜଣଙ୍କୁ ମିଳୁଛି ମଧୁବାବୁ ପେନ୍‌ସନ

ଦିନକୁ ଦିନ ଏଡ୍‌ସ ମାରାତ୍ମକ ରୂପ ଧାରଣ କରୁଥିବାବେଳେ ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ହେଲେ ଏହି ମାରାତ୍ମକ ରୋଗରୁ ରକ୍ଷା ମିଳିପାରିବ। ଏହି ବାର୍ତ୍ତା ବାଣ୍ଟିବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ଡିସେମ୍ବର ୧କୁ ବିଶ୍ୱ ଏଡ୍‌ସ ଦିବସ ଭାବରେ ପାଳନ କରାଯାଉଛି। କେନ୍ଦୁଝର ପରି ଏକ ଶିଳ୍ପ, ଖଣି ଓ ପରିବହନ ପରିପୁଷ୍ଟ ଜିଲାରେ ଏଡ୍‌ସ ବିଭିନ୍ନ କାରଣ ଯୋଗୁଁ ଗତ କିଛିବର୍ଷ ହେବ ବୃଦ୍ଧି ପାଉଛି। ଜିଲାରେ ଗତ ୪ ବର୍ଷ ମଧ୍ୟରେ ୩୭୧ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୬ ଆକ୍ରାନ୍ତଙ୍କ ଜୀବନ ଯାଇଛି। ୨୦୦୬ ରୁ ୨୦୨୨ ନଭେମ୍ବର ସୁଦ୍ଧା ୭୫୯ ଜଣ ଏଚ୍ଆଇ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୪୨ ଜଣ ମୃତ୍ୟୁବରଣ କରିଛନ୍ତି। ମୋଟ ଚିହ୍ନଟଙ୍କ ମଧ୍ୟରୁ ୪୪୨ଜଣ ପୁରୁଷ, ୨୬୬ ଜଣ ମହିଳା ଏବଂ ୫୧ ଜଣ ଗର୍ଭବତୀ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଜିଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ୨୦୧୬ରେ ୧୯ ହଜାର ୯୦୪ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ୬୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୨୦୧୭ରେ ୧୯ହଜାର ୩୦୫ ଜଣଙ୍କ ପରୀକ୍ଷା କରାଯାଇଥିବା ବେଳେ ୫୮ଜଣ, ୨୦୧୮ରେ ୧୯ହଜାର ୨୫୨ଜଣଙ୍କ ପରୀକ୍ଷା କରାଯାଇ ୬୪ ଜଣ, ୨୦୧୯ରେ ୧୮ହଜାର ୨୯ ଜଣଙ୍କ ପରୀକ୍ଷା କରାଯାଇ ୫୫ଜଣ, ୨୦୨୦ରେ ୨୧ହଜାର ୭୧ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ୫୧ଜଣ, ୨୦୨୧ରେ ୨୪ ହଜାର ୩୧୬ ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ୩୭ ଓ ୨୦୨୨ରେ ନଭେମ୍ବର ୩୦ସୁଦ୍ଧା ୨୩ ହଜାର ୬୭୧ ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ୪୨ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ରୋଗୀଙ୍କ ମଧ୍ୟରୁ ୨୦୧୬ରେ ୪ ଜଣ, ୨୦୧୯ରେ ଜଣେ, ୨୦୨୦ରେ ୮ ଜଣ, ୨୦୨୧ରେ ୭ ଜଣ, ୨୦୨୨ ନଭେମ୍ବର ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ହୋଇଥିବା ୪୨୯ ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜାନରେ ମାସିକ ୫୦୦ ଟଙ୍କା ଲେଖାଁଏ ଭତ୍ତା ଦିଆଯାଉଛି। ବିଶେଷତଃ ଜିଲାରେ ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରୁ ଅଧାରୁ ଅଧିକ ଡ୍ରାଇଭର ଓ ତାଙ୍କ ପରିବାର ବୋଲି ଜଣାପଡ଼ିଛି। ଜିଲା ଦେଇ କଲିକତା-ମୁମ୍ବାଇ ଜାତୀୟ ରାଜପଥ ନଂ. ୪୯ ଯାଇଛି। ତେଣୁ ବହୁ ସଂଖ୍ୟାରେ ଲାଇନ୍ ଟ୍ରକ୍ ଯାତାୟାତ କରୁଛି। ଖଣିଖାଦାନ ଅଞ୍ଚଳ ହୋଇଥିବାରୁ ବାହାର ରାଜ୍ୟର ବହୁ ଗାଡ଼ି ଆସୁଛି। ବାହାର ରାଜ୍ୟର ବହୁ ଶ୍ରମିକ ମଧ୍ୟ ଆସୁଥିବାରୁ କେନ୍ଦୁଝରରେ ଏଚ୍ଆଇଭି ବ୍ୟାପିବା ଆଶଙ୍କା ଅଧିକ ରହୁଛି। ଏହାକୁ ନଜରରେ ରଖି ଜାତୀୟ ଏଡ୍‌ସ କଣ୍ଟ୍ରୋଲ ସଂସ୍ଥା ମାଧ୍ୟମରେ ରୋଗକୁ ନିୟନ୍ତ୍ରଣ କରିବା, ରୋଗୀଙ୍କୁ ଚିହ୍ନଟ ଓ ଆକ୍ରାନ୍ତଙ୍କ ସଂଖ୍ୟା କମାଇବା ଦିଗରେ ପଦକ୍ଷେପ ନିଆଯିବା ଦରକାର। ଏଥିସହ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏଚ୍ଆଇଭି ପଜିଟିଭ୍ ବ୍ୟକ୍ତିବିଶେଷ ସର୍ବୋପରି ଜନସାଧାରଣଙ୍କୁ ସଚେତନ କରାଇବା ସହ ଏଡ୍‌ସ ରୋଗ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ଆପଣେଇବାକୁ ପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନାରାୟଣ ସଭାପତି, ସନ୍ତୋଷ ସମ୍ପାଦକ ନିର୍ବାଚିତ



ନବ ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କ ସହ ଅନ୍ୟମାନେ।

**ଆନନ୍ଦପୁର ପ୍ରେସ୍ କ୍ଲବ୍ ନିର୍ବାଚନ**

ଆନନ୍ଦପୁର,୩୦। ୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ୍ କ୍ଲବ ନିର୍ବାଚନ ଶାଳପଡ଼ାସ୍ଥିତ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ନାରାୟଣ ସାହୁ ବିଜୟ ହୋଇ ହୋଇଥିବାବେଳେ ସନ୍ତୋଷ ରାଉତ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କ୍ଲବର ୩୮ ସଦସ୍ୟଙ୍କ ମଧ୍ୟରୁ ୩୪ ଜଣ ପ୍ରାର୍ଥୀ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ଏଥିସହ ଉପସଭାପତି ଭାବେ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ ଦଳେଇ, ଯୁଗ୍ମ ସମ୍ପାଦକଭାବେ ପ୍ରଦ୍ୟୁମ୍ନ ହଜାରୀ ଓ ଉମାକାନ୍ତ ସାହୁ, ସଂଗଠନ ସମ୍ପାଦକ ଭାବେ ଦିଲ୍ଲୀପ ମିଶ୍ର, କୋଷାଧ୍ୟକ୍ଷ ଭାବେ ସ୍ୱପ୍ନେଶ୍ୱର ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅବିନାଶ ଶତପଥି, ରାଜୀବଲୋଚନ ଜେନା, କବିନ୍ଦ୍ର ଖୁଣ୍ଟିଆ, ଅନିଲ ସାହୁ, ଅମୀୟ ବରାଳ ଏବଂ ଉପଦେଷ୍ଟା ମଣ୍ଡଳୀରେ ଲୋକନାଥ ସିଂହ, ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଗୋପାଳକୃଷ୍ଣ ରାଉତ, ଶ୍ରୀକୁମାର ମିଶ୍ରଙ୍କୁ ଚୟନ କରାଯାଇଥିଲା। କ୍ଲବ୍‌ର ଆଇନ ପରାମର୍ଶଦାତା ଭାଗିରଥି ଦାଶଙ୍କ ପରାମର୍ଶ କ୍ରମେ ଆଇନଜୀବୀ ଅମର ମହାପାତ୍ର ଓ ବାଇଧର ସେଠୀ ଏହି ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ହୋଇଥିବାରୁ ନବ ନିର୍ବାଚିତ ସଭାପତି ଓ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭାଯାତ୍ରାରେ ସହର ପରିକ୍ରମା



ଜୈନ ମୁନିଙ୍କ ସହର ପରିକ୍ରମା।

**ଜୈନ ମୁନିଙ୍କୁ ଭବ୍ୟ ସ୍ୱାଗତ**

ବାଲେଶ୍ୱର ଅଫିସ, ୩୦।୧୧

ବାଲେଶ୍ୱର ସହର ମୋତିଗଞ୍ଜରେ ଥିବା ଜୈନ ଭବନରେ ଜୈନ ମୁନି ଜୀନେଶ କୁମାର ନିଜର ଅନୁଗାମୀ ଜୈନ ମୁନି ପରମାନନ୍ଦ ଜୀ, କୃଣାଳ କୁମାର ଜୀଙ୍କ ସହିତ ପହଞ୍ଚିଛନ୍ତି। ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ୩ଜଣ ମୁନିଙ୍କ ସହ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇ ମୁନି ଜୀନେଶ କୁମାର କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ସନ୍ଥମାନଙ୍କର ଗୌରବମୟ ସ୍ଥାନ ରହିଛି। ଗୁରୁ ଆଚାର୍ଯ୍ୟ ମହାଶ୍ରମଣଙ୍କ କୃପା ଯୋଗୁ ଆଜି ବାଲେଶ୍ୱର ସହରରେ ପହଞ୍ଚିପାରିଛୁ। ଏହି ଯାତ୍ରା ସଫଳ ହେବ ଯଦି ଆପଣମାନେ ମହାବୀରଙ୍କ ବାଣୀ ଶୁଣି ନିଜକୁ ବଦଳାଇ ପାରିବେ। ସତ୍‌ସଙ୍ଗରେ ରହିଲେ ଜ୍ଞାନ, ଦର୍ଶନ, ଚରିତ୍ରର ବିକାଶ ହୋଇଥାଏ। ଆଚାର, ବିଚାର, ସଂସ୍କାର ଓ ବ୍ୟବହାର ମଧ୍ୟ ଶୁଦ୍ଧ ହୋଇଥାଏ। ଭଲ ସଙ୍ଗତରେ ରହିଲେ ଜଣେ ଭଲ ମଣିଷ ହୋଇଥାଏ ଓ ଖରାପ ସଙ୍ଗତରେ ରହିଲେ ଅମଣିଷ ହୋଇଯାଏ। ତେଣୁ ସନ୍ଥମାନଙ୍କର ସର୍ବଦା ସେବା କରିବା ଆବଶ୍ୟକ।ଏହିଅବସରରେ ମୁନୀ ସୁଧୀର କୁମାର ମନୋରମ ସଙ୍ଗୀତ ପରିବେଷଣ କରିଥିଲେ। ତେରାପନ୍ଥ ସଭାର ଅଧ୍ୟକ୍ଷ ଧୀରଜ ଧାଡ଼େବା, ରାଜକୁମାର ସିନ୍ଧୀ, ଗଣେଶମଲ ସିଙ୍ଘୀ, ତେରାପନ୍ଥ ମହିଳା ମଣ୍ଡଳ, ଯୁବତୀ ବାହିନୀ ପ୍ରମୁଖ ସହଯୋଗ କରିଥିବା ବେଳେ କୁସୁମ ସିଙ୍ଘୀ ପରିଚାଳନା କରିଥିଲେ।

## ୧୩ ବିଷୟରେ ପିଜି ଖୋଲିଲା

**ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ**

କେନ୍ଦୁଝର, ୩୦।୧୧ (ସ୍ୱ.ପ୍ର.)

ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୨୦୨୩-୨୪ ବର୍ଷ ପାଇଁ କଳା ଏବଂ ବିଜ୍ଞାନରେ ୧୩ଟି ବିଷୟରେ ସ୍ନାତକୋତ୍ତର ଖୋଲିଛି। ସବୁ ବିଭାଗରେ ୧୬ ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖା ହେବ। ଓଡ଼ିଆ, ଇଂରାଜୀ, ନୃତତ୍ତ୍ୱ, ସମାଜତତ୍ତ୍ୱ, ଶିକ୍ଷା, ଇତିହାସ, ଅର୍ଥନୀତି, ସଂସ୍କୃତ, ଗଣିତ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଏବଂ ଉଦ୍ଭିଦ ବିଜ୍ଞାନରେ ୧୬ଟି ସିଟ ପାଇଁ ଅନୁମତି ମିଳିଛି। ସେହିପରି ଭୂତତ୍ତ୍ୱ ବିଜ୍ଞାନ ସ୍ନାତକୋତ୍ତରରେ ୮ ଟି ସିଟ୍‌କୁ ବୃଦ୍ଧି କରାଯାଇ ୧୬ ଟି ସିଟରେ ନାମଲେଖା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି । ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବ ରହିଛି। ସେ ସବୁ ପୂରଣ ନ କରି ଅଧିକ ପିଜି ଖୋଲିବା ଦ୍ୱାରା ପାଠପଢ଼ା ବ୍ୟାଘାତ ହେବା ଆଶଙ୍କା ରହିଛି। ସୁପରିଚାଳନା ପାଇଁ ସ୍ଥାୟୀ ଅଧ୍ୟକ୍ଷ ଓ ଖାଲି ଅଧ୍ୟାପକ ପଦବୀ ପୂରଣ କରିବାକୁ ପୁରାତନ ଛାତ୍ର ତଥା ଅଭିଭାବକମାନେ ଦାବି କରିଛନ୍ତି।

## କଳା, ସଂସ୍କୃତିର ପୂଜାରୀ ଥିଲେ ଗୋପୀନାଥ



ଅତିଥିମାନେ ଗୋପୀନାଥ ପାଢୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

**ଗଛ ଦେଇ ସମ୍ବର୍ଦ୍ଧନା**

ଖଇରା, ୩୦।୧୧(ଡି.ଏନ.ଏ.)

ପେଶାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଏବଂ ନିଶାରେ କଳାକାର ଭାବେ ଘରେ ଘରେ ଗୋପୀନାଥ ପାଢୀଙ୍କୁ ରଟିଶୋସ୍ଥିତ ପ୍ରହଲ୍ଲାଦ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଷ୍ଟାର ଖଇରା ବ୍ଲକ ସଭାପତି ଦିନବନ୍ଧୁ ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନକୁ ଅନ୍ତରଭରି ଭଲ ପାଉଥିବା ପାଢୀ ଯାତ୍ରା ହେଉ କି ନୃତ୍ୟ, କଳାର ପୂଜାରୀ ଭାବେ ପିଲାଙ୍କ ମଧ୍ୟରେ କଳା ସଂସ୍କୃତି ଭାବ ସୃଷ୍ଟି କରି ଆଦରର ପାତ୍ର ହୋଇପାରିଛନ୍ତି ବୋଲି କହିଥିଲେ। ସରପଞ୍ଚ ବାସନ୍ତୀ ମହାନ୍ତି, ପୂର୍ବତନ ଶିକ୍ଷକ ସୁଦର୍ଶନ ସାହୁ, ଶିକ୍ଷକ ନେତା ମହେନ୍ଦ୍ର ପ୍ରସାଦ କବି ଓ ବିଷ୍ଣୁପ୍ରସାଦ ମିଶ୍ର, ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ଉପସଭାପତି ମାନସୀ ମହାନ୍ତି, ଅର୍ଜୁନ ଚରଣ ଶତପଥି, ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସହକର୍ମୀ ଶିକ୍ଷକ, ପରିଚାଳନା କମିଟି ଗଛ ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିରଞ୍ଜନ ଦାଶ ଅତିଥି ପରିଚୟ ଓ ପ୍ରତ୍ୟୁଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆଖୁଆପଦାରେ ବ୍ୟାରେଜ୍ ନିର୍ମାଣ କରାଯାଉ'

ଭଣ୍ଡାରିପୋଖରୀ,୩୦।୧୧(ସ୍ୱ.ପ୍ର.)

ବୈତରଣୀରେ ବନ୍ୟା ନିୟନ୍ତ୍ରଣ ସହ ବିସ୍ତୀର୍ଣ୍ଣ ଚାଷ ଜମିରେ ଜଳସେଚନ ସୁବିଧା ପାଇଁ ଆଖୁଆପଦାଠାରେ ବ୍ୟାରେଜ୍ ନିର୍ମାଣ ଜରୁରୀ ବୋଲି ବୁଧବାର ଜଗନ୍ନାଥପ୍ରସାଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ କହିଛନ୍ତି। ଭଦ୍ରକ ଜିଲାର ବିଜେଡି ବିଧାୟକମାନେ ଜିଲାର ବିକାଶ ଓ ବନ୍ୟା ନିୟନ୍ତ୍ରଣ ପାଇଁ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରି ଲୋକଙ୍କ ସ୍ୱାର୍ଥ ରକ୍ଷା ସକାଶେ ଭାଜପା ସର୍ବଦା ଲଢ଼େଇ କରିବାକୁ ପ୍ରସ୍ତୁତ ବୋଲି ଧଳ କହିଥିଲେ। ବ୍ୟାରେଜ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବାରୁ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ଦେବାପାଇଁ ସ୍ୱାକ୍ଷର ଅଭିଯାନ ଓ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସାଢ଼େ ୪କୋଟି ପରିବାର ମଧ୍ୟରେ ଭଦ୍ରକର ବନ୍ୟାବିପନ୍ନ ଅଞ୍ଚଳର ଲୋକେ ନୁହଁନ୍ତି କି ବୋଲି ଧଳ ପ୍ରଶ୍ନ କରିଛନ୍ତି। ସାଧାରଣ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଆଗ୍ରହ ନାହିଁ ବରଂ କେନ୍ଦ୍ର ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସହାୟତା ଅନୁଦାନର ବାଟମାରଣା କରାଯାଉଛି ବୋଲି ରାଜ୍ୟ ସମ୍ପାଦକ ସେଠୀ ଅଭିଯୋଗ କରିଛନ୍ତି। ଦଳର ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରକାଶ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ସୂର୍ଯ୍ୟମଣି ରାଉତ,ନରନାରାୟଣ ପରିଡ଼ା, ବିବେକାନନ୍ଦ ସାହୁ, ଯୁବମୋର୍ଚ୍ଚା ସଭାପତି ଶିବାନିଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

## ଫ୍ଲାଏଓଭରରୁ ଲୁହାଖଣ୍ଡ ଖସି ଶ୍ରମିକ ଗୁରୁତର

**ଯୋଡ଼ା,୩୦।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ଯୋଡ଼ା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ ୨ ରେ ମଙ୍ଗଳବାର ସନ୍ଧ୍ୟାରେ ନିର୍ମାଣାଧୀନ ଫ୍ଲାଏ ଓଭର ସେଣ୍ଟରିଂ ବେଳେ ଲୁହଖଣ୍ଡ ପ୍ଲେଟ୍ ଖସି ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକହେଲେ ପଶ୍ଚିମବଙ୍ଗ ପୁରୁଲିଆ ଅଞ୍ଚଳର ଗିଆସୁଦ୍ଦିନ ଆନସାରୀ। ତାଙ୍କୁ ଯୋଡ଼ାସ୍ଥିତ ଟାଟା କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କର ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ବିନା ସୁରକ୍ଷା ଉପକରଣରେ ବହୁ ଉଚ୍ଚରେ ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥି ପ୍ରତି ଠିକା ସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଏ ନେଇ ଟେଭରକସ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡା କହିଛନ୍ତି, ସୁରକ୍ଷାକୁ ଠିକା ସଂସ୍ଥା ଗୁରୁତ୍ୱ ଦେଉଛି। ଆହତ ଶ୍ରମିକ ର ଚିକିତ୍ସା କରାଯାଉଛି। ଘଟଣାକୁ ଲୁଚାଇବାକୁ ଉଦ୍ୟମ ହେଉଥିବା ଜଣାପଡ଼ିଛି।

## କୀର୍ତ୍ତିମାନ ବିବେକାନନ୍ଦ

ବାରିପଦା ଅଫିସ,୩୦।୧୧

ଦୀର୍ଘ ୭୬ ବର୍ଷର ଜୀବନ ପଥ ଚାଲୁଚାଲୁ ହଠାତ୍ କରୋନା ମହାମାରୀରେ ଧରାନତ ହେଇଥିଲେ ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଆରପଟା ଗ୍ରାମର ବିବେକାନନ୍ଦ ପରିଡ଼ା। ତାଙ୍କ କର୍ମ କାହାଣୀର ସ୍ମରଣୀୟ କୀର୍ତ୍ତି ଓ ଜୀବନାଦର୍ଶ ଜନ୍ମ ମାଟି ପାଇଁ ଅପାସୋରା ହୋଇ ରହିଛି। ପିତା ଅନାଦି ଓ ମାତା ରତ୍ନମଣିଙ୍କ ଏହି ସନ୍ତାନ ୧୨ ଅଗଷ୍ଟ ୧୯୪୫ରେ ଜନ୍ମ ଗ୍ରହଣ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ନିଜ ପ୍ରତିଭାର ପରିଚୟ ଦେଇଥିଲେ ବିବେକାନନ୍ଦ। ସମାଜ ସେବାର ଅନୁପ୍ରେରଣା ଭିତରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ସେ ସମୟରେ ଗାଁ ସ୍କୁଲରୁ ମୌଳିକ ଶିକ୍ଷା ସାରି କୁଆମରା ଉଚ୍ଚ ବିଦ୍ୟାଳୟ, ଏମ୍‌ପିସି ମହାବିଦ୍ୟାଳୟ ଓ ପରେ ବିଜେବି କଲେଜରୁ ସଫଳ ଛାତ୍ରରୂପେ ଉତ୍ତୀର୍ଣ୍ଣ ହୋଇଥିଲେ। ନିଜେ ଉଚ୍ଚ ଶିକ୍ଷିତ ହୋଇ ଦୁଇ ସୁପୁତ୍ର ମୁନା ଓ ରଷିଙ୍କୁ ଶିକ୍ଷାର ଉଚ୍ଚ ସୋପାନକୁ ଉଠାଇ ପ୍ରତିଷ୍ଠିତ କରାଇଥିଲେ। 'ଭିଜନଟେକ' ଭଳି ସଂସ୍ଥା ପ୍ରତିଷ୍ଠା କରି ରାଷ୍ଟ୍ରୀୟସ୍ତରରେ ପରିଚୟ ସୃଷ୍ଟି କରିପାରିଥିଲେ। ଗରିବ, ସାଧାରଣ ମଣିଷ ଓ ଆଦିବାସୀମାନଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାକୁ ନିଜ ପୈତୃକ ସମ୍ପତ୍ତିରୁ କିଛି ଦାନ କରି ଆରପଟାରେ ୧୯୮୬ରେ ସ୍ଥାପନ କରିଥିଲେ ଏକ ହାଇସ୍କୁଲ। ତାଙ୍କ ବାର୍ତ୍ତା 'କାହାରି ଅନ୍ନ ଓ ଦାନାକୁ ଛଡ଼ାଇ ନିଅନି, ଖାଇପିଇ ନିଜ ପେଟ ଭରିଗଲେ ଦୁନିଆର ଅଭାବୀ ମଣିଷମାନଙ୍କର ପେଟ ଭରିଯାଏନା'କୁ ପାଥେୟ କରି ଜ୍ୟେଷ୍ଠ ପୁତ୍ର କୁମାର ରଞ୍ଜନ(ମୁନା) ସୃଷ୍ଟି କରିଛନ୍ତି ନିଯୁକ୍ତି ସୁଯୋଗ। କନିଷ୍ଠ ପୁତ୍ର ରମଣୀ ରଞ୍ଜନ(ରଷି ) ମଧ୍ୟ ବାପାଙ୍କ ଆଦର୍ଶକୁ ଆପଣେଇ ନେଇଛନ୍ତି। ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୀର୍ତ୍ତିମାନ ବିବେକାନନ୍ଦଙ୍କୁ ଅଜସ୍ର ଶ୍ରଦ୍ଧାଞ୍ଜଳି।



## ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ

**କୋଚିଲା ବ୍ୟାରେଜ, ଗୌରାଙ୍ଗପୁରଠାରେ ଏସ୍‌କେପ ପ୍ରସଙ୍ଗ**

**ବିଭାଗୀୟ ଯନ୍ତ୍ରୀଙ୍କ ସହ ଏମ୍‌ପିଙ୍କ ଆଲୋଚନା**

ଧାମନଗର,୩୦।୧୧(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗରଠାରେ ପ୍ରସ୍ତାବିତ କୋଚିଲା ବ୍ୟାରେଜ ଓ ମଲ୍ଲିମାହାରା ଗୌରାଙ୍ଗପୁରଠାରେ ଏସ୍‌କେପ ପ୍ରତିଷ୍ଠା ବାବଦରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଭୁବନେଶ୍ୱର ସେଚସଦନଠାରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଓ ନକ୍ସା ଡିଜାଇନ ବିଭାଗର ମୁଖ୍ୟଯନ୍ତ୍ରୀ ଲିଙ୍ଗରାଜ ଗଉଡ଼ଙ୍କ ସହିତ ଆଲୋଚନା ଓ ସମୀକ୍ଷା କରିଥିଲେ। ଆଲୋଚନାରେ ସର୍ବୋଚ୍ଚଯନ୍ତ୍ରୀ ମହାନ୍ତି ପ୍ରକାଶ କରିଥିଲେ ଯେ, କୋଚିଲା ବ୍ୟାରେଜର ପ୍ରାୟ ୩୦ କୋଟି ଟଙ୍କା ଅଟକଳ ବ୍ୟୟରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ମାଧ୍ୟମରେ ଏକ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟ ନ୍ୟସ୍ତ କରାଯାଇଛି। ଉକ୍ତ ସଂସ୍ଥା ଏହି ବ୍ୟାରେଜର ପ୍ରାରମ୍ଭିକ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିପରି ମଲ୍ଲିମାହାରା-ଗୌରାଙ୍ଗପୁର ଏସ୍‌କେପ ଉପରେ ପୋଲ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ସରିଛି ବୋଲି ନକ୍ସା ବିଭାଗର ମୁଖ୍ୟଯନ୍ତ୍ରୀ ଗଉଡ଼ ପ୍ରକାଶ କରିଥିଲେ। ଉକ୍ତ ୨ଟି ପ୍ରକଳ୍ପର ସରକାର ଅର୍ଥ ମଞ୍ଜୁର କରି ସାରିଛନ୍ତି। ଡିସେମ୍ବର ମାସ ଶେଷସୁଦ୍ଧା ଟେଣ୍ଡର ପ୍ରକ୍ରିୟା ସରି କାର୍ଯ୍ୟ ଆରମ୍ଭ ହେବ ଏବଂ ଉକ୍ତ ୩ ଟି ପ୍ରକଳ୍ପର ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଆରମ୍ଭ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ପ୍ରକାଶ ଥାଉକି, କୋଚିଲା ବ୍ୟାରେଜ ଓ ମଲ୍ଲିମାହାରା-ଗୌରାଙ୍ଗପୁର ଏସ୍‌କେପ ପ୍ରତିଷ୍ଠା ଧାମନଗର, ଯାଜପୁର ଓ ବିଞ୍ଝାରପୁର ପାଇଁ ବହୁ ଦିନର ଦାବି ରହିଛି। ଏତଦ୍ ବ୍ୟତୀତ ରେବ, କପାଳି, ନାଳୀଆ ଓ ସାଳନ୍ଦୀ ବିସ୍ଥାପିତମାନଙ୍କୁ କ୍ଷତିପୂରଣ ବାବଦରେ ଆଲୋଚନା କରି ତାହା ଖୁବ ଶୀଘ୍ର କ୍ଷତି ପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। କୋଚିଲା ବ୍ୟାରେଜ ପ୍ରତିଷ୍ଠା ହେବା ଦ୍ୱାରା ଏହା ଭଦ୍ରକ ଜିଲାର ପ୍ରଥମ ନଦୀବନ୍ଧ ଯୋଜନାରେ ପରିଗଣିତ ହେବା ସହ ଯାଜପୁର, ଧାମନଗର ଅଞ୍ଚଳର ପ୍ରାୟ ୨ ହଜାର ହେକ୍ଟର ଜମି ଜଳସେଚିତ ସହିତ ବନ୍ୟା ନିୟନ୍ତ୍ରଣ ହୋଇପାରିବ। ସେହିପରି ମଲ୍ଲିମାହାରା ଗୌରାଙ୍ଗପୁର ଏସ୍‌କେପ ଉପରେ ପୋଲ ନିର୍ମାଣ ହେବା ଫଳରେ ଗମନାଗମନ ପାଇଁ ପଥ ସୁଗମ ହୋଇ ପାରିବ।



ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କୁ ଭେଟୁଛନ୍ତି ଏମ୍‌ପି।

## ସଂସ୍କୃତ ମାତରମ କାର୍ଯ୍ୟକ୍ରମ

ଔପଦା: ବାଲେଶ୍ୱର ଜିଲା ଔପଦା ଡିଗ୍ରୀ କଲେଜ ସଂସ୍କୃତ ବିଭାଗ ପକ୍ଷରୁ ବନ୍ଦେ ସଂସ୍କୃତ ମାତରମ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ଦ୍ୱାରିକା ନାଥ ଶତପଥିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା କବି ସାହିତ୍ୟିକ ଉମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ମୋହନଚରଣ ସାହୁ, ବକ୍ତା ଭାବେ ଅଧ୍ୟାପକ କମଳାକାନ୍ତ ଦାସ, ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାସ, ହରିହର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ଆଦିତ୍ୟ ଆଚାର୍ଯ୍ୟ, ଅଧ୍ୟାପିକା ସବିତା ମହାରଣା, ବନିସା ମୁଦୁଲି, ରଶ୍ମିଶ୍ରୀ ବୈଶାଖ ପ୍ରମୁଖ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ବିଶ୍ୱ ଏଡସ୍ ଦିବସ-୨୦୨୨, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ - ପୂର୍ବାହ୍ଣ ୧୦ଟା ୩୦।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ବାହାନଗା, ୩୦।୧୧(ଡି.ଏନ.ଏ.)- ତାମିଲନାଡୁରେ ଜଣେ ଓଡିଆ ଯୁବକ ଆତ୍ମହତ୍ୟା କରିଛନ୍ତି। ଏନେଇ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି। ମୃତ ଯୁବକ ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ରମଧା ଗ୍ରାମର ବିଶ୍ୱାଳ ସାହିର ପର୍ଶୁରାମ ବିଶ୍ୱାଳ। ସେ ଦୀର୍ଘ ବର୍ଷ ଧରି ତାମିଲନାଡୁରେ ରହି କାମ କରୁଥିଲେ। ପର୍ଶୁରାମ ନିଜର ଭଣଜାଙ୍କ ପାଖାପାଖି ରହୁଥିଲେ। ଗତ ୨୭ତାରିଖରେ ଭଣଜା କୌଣସି କାମ ନିମନ୍ତେ ଖାଦ୍ୟ ଖାଇଦେବା ପାଇଁ କହି ବାହାରକୁ ପଳାଇ ଯାଇଥିଲେ । ତେବେ ଭଣଜା ଫେରିବା ପରେ ମାମୁଙ୍କୁ ସେଠାରେ ଦେଖିବାକୁ ପାଇ ନ ଥିଲା । ଭଣଜା ମାମୁକୁ ନ ପାଇ ଭଡାଘରକୁ ପଳାଇଯାଇଥିବା ଭାବିଥିଲେ। ପରେ ନିକଟସ୍ଥ ମେଢାବାକମ୍‌ର ଓରାଟି ସରକାରୀ ବିଦ୍ୟାଳୟ ପଛପଟ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଥିଲେ। ପୋଲିସ୍ ପହଞ୍ଚି ଶବ ଜବତ କର ଚିହ୍ନଟ ପାଇଁ ମେଡିକାଲରେ ରଖିଥିଲା। ଭଣଜା ଫଟୋ ଦେଖି ଚିହ୍ନଟ କରି ଥାନାରେ ଅଭିଯୋଗ କରିବା ପରେ ବୁଧବାର ଶବ ବ୍ୟବଚ୍ଛେଦ କରାଯାଇଥିଲା।

## ନାଟ୍ୟକାର ରମେଶ ପଣ୍ଡାଙ୍କ ସ୍ମୃତିଚାରଣ

ଆରଡି,୩୦।୧୧(ଡି.ଏନ.ଏ ): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଅଧୀନ ନାନ୍ଦପୁରଠାରେ ନାଟ୍ୟକାର ରମେଶଚନ୍ଦ୍ର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ବିଶ୍ୱାଳଙ୍କ ସଂଯୋଜନା, ସ୍ୱଦେଶ ପଣ୍ଡାଙ୍କ ପରିଚାଳନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କଳା ସଂସ୍କୃତି ସଂଘର ଉପ ସଭାପତି ସୁବାସଚନ୍ଦ୍ର ମଲିକ, ନାଟ୍ୟକାର ବାଦଲ ସିକଦାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବାଜୀଚରଣ ପଣ୍ଡା, କହ୍ନେଇ ବିଳାସ, କଂଗ୍ରେସ ନେତା ଦିଗମ୍ବର ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଜୟ ନାୟକ, ଭାଜପା ନେତା ଅଭିମନ୍ୟୁ ସେଠୀ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ଉପେନ୍ଦ୍ର ରାଉଳ, ପୂର୍ବତନ ସରପଞ୍ଚ କିଶୋର ନାୟକ, ସରୋଜ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା ସପନର ସୌଦାଗର ରମେଶ ସାର୍ ଉନ୍ମୋଚିତ ହୋଇଥିଲା। ପୁଅ ମାନସ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁଅ, ଝିଅ ଉପସ୍ଥିତ ଥିଲେ।

## ସ୍କୁଲ୍ ଅଫ୍ ଇଞ୍ଜିନିୟରିଂରେ ସ୍ୱାଗତ ଉତ୍ସବ

କେନ୍ଦୁଝର,୩୦।୧୧(ଡି.ଏନ୍.ଏ): କେନ୍ଦୁଝର ସହର ଉପକଣ୍ଠ ଡିମ୍ବୋସ୍ଥିତ କେନ୍ଦୁଝର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂରେ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଇଂ ବସନ୍ତ ଦାନୀ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚର ଅଧକ୍ଷ ତରଣୀକାନ୍ତ ସ୍ୱାଇଁ, ସ୍କୁଲ୍‌ର ଅଧକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ ନବାଗତମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମେଟାଲୋଜି ବିଭାଗର ବରିଷ୍ଠ ଅଧାପକ ଇଂ ଅଭିଲାଶ ଦାଶ ମଞ୍ଚ ସଂଯୋଜନା କରିଥିଲେ।

# ତେଜିଲା ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି

**ବାରିପଦା ଅଫିସ,୩୦।୧୧**

ମୟୂରଭଞ୍ଜ ଜିଲାକୁ ପୁନର୍ବାର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ଅଣରାଜନୈତିକ ସଂଗଠନ ଭଞ୍ଜସେନା ସ୍ୱର ଉଠାଇଛି। ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅଧକ୍ଷତାରେ ଏକ ବୈଠକ ବୁଧବାର ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ସେନାର କର୍ମକର୍ତ୍ତାମାନେ ଜିଲାବାସୀଙ୍କୁ ନେଇ ସମଗ୍ର ମୟୂରଭଞ୍ଜ ଜିଲାରେ ପଦଯାତ୍ରା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାର କୋଣ ଅନୁକୋଣରୁ ଆସିଥିବା ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି 'ଅଖଣ୍ଡ ମୟୂରଭଞ୍ଜ' ଗଠନ ସପକ୍ଷରେ ମତପ୍ରକାଶ କରିଛନ୍ତି। ଏହା ସହିତ ୭ଦଫା ଦାବି ଉପସ୍ଥାପନା କରିବା ପାଇଁ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଛି ।

ଭାରତ ସ୍ୱାଧନ ହେବା ପରେ ପୂର୍ବରୁ



ବୈଠକରେ ଉପସ୍ଥିତ ଭଞ୍ଜସେନାର କର୍ମକର୍ତ୍ତା।

ଥିବା ଗଡ଼ଜାତ ରାଜ୍ୟ ମୟୂରଭଞ୍ଜ ୧୯୪୮ ନଭେମ୍ବର ୨ରେ ମିଶ୍ରଣ ଚୁକ୍ତି ଅନୁଯାୟୀ ଭାରତବର୍ଷ ଅଧୀନକୁ ଆସିଥିଲା। ଏହା ପରେ ୧୯୪୯ ଜାନୁୟାରୀ ୧ରେ ଭାରତ ସରକାର ଓଡ଼ିଶା ରାଜ୍ୟକୁ ମୟୂରଭଞ୍ଜର ଶାସନ ଭାର ହସ୍ତାନ୍ତର କରିଥିଲେ। ତେବେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ଅନୁଯାୟୀ ଜିଲାର ବିଭିନ୍ନ କ୍ଷେତ୍ରରେ ବିକାଶ ବାଟବଣା ହୋଇଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର କ୍ରମାଗତ ଭାବେ ଜିଲାକୁ ଅବହେଳା ପ୍ରଦର୍ଶନ କରୁଥିବାରୁ ଜିଲା ପୂର୍ବ ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ସଂଗଠନର ଜିଲା ସଭାପତି ପିଣ୍ଟୁ ମାଇତି ଓ ରାକେଶ ବେହେରା କହିଛନ୍ତି। ମିଶ୍ରଣ ପୂର୍ବରୁ ଏକ ସମୃଦ୍ଧ ସ୍ୱାଧୀନ ରାଜ୍ୟ ଥିବା ମୟୂରଭଞ୍ଜ ବର୍ତ୍ତମାନ ଏକ ଅନୁନ୍ନତ ଜିଲା ଭାବେ ପରିଗଣିତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନସ୍ଥଳୀ,ଗମନାଗମନ, ଜଳସେଚନ, ବାଣିଜ୍ୟ ବ୍ୟବସାୟ ଆଦି ସବୁ କ୍ଷେତ୍ରରେ ଜିଲା ଅବହେଳିତ ବୋଲି ସଂଗଠନର ବାଜୁନ ହାଁସଦା, ସାମନ୍ତ ଶେଖର ପାଲ ଓ ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି। ମିଶ୍ରଣ ଚୁକ୍ତିର ସମ୍ପୂର୍ଣ୍ଣ ଖିଲାପ କରୁଥିବା ଉଭୟ ସରକାରଙ୍କ ଦୃଷ୍ଟି ପଡୁ ନ ଥିବାରୁ ଜିଲାବାସୀଙ୍କ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ତେଜିବାରେ ଲାଗିଛି। ସେନାର ୨୫ତମ ପ୍ରତିଷ୍ଠା ଦିବସରେ ବାରିପଦାର ଛଉ ପଡ଼ିଆରେ ଏକ ବିଶାଳ ସମାବେଶ କରାଯାଇ ଦାବିଗୁଡିକ ସମ୍ପର୍କରେ ଜିଲାବାସୀଙ୍କୁ ସଚେତନ କରାଯିବ ବୋଲି ଜେନା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ଲାଲ ବାହାଦୂର ମହାନ୍ତି, ସନ୍ତୋଷ ଗିରି, ରାକେଶ ମହାନ୍ତି, ଜ୍ୟୋତି ରଞ୍ଜନ ପୃଷ୍ଟି, ଦକ୍ଷିଣା ମହାନ୍ତ, ଶିବ ଶଙ୍କର ସିଂଙ୍କ ସମେତ ୪ଟି ଉପଖଣ୍ଡର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ୮୦ରୁ ଊର୍ଦ୍ଧ୍ୱ ଔଷଧୀୟ ଚାରାରୋପଣ



ଚାରା ରୋପଣ କାର୍ଯ୍ୟକ୍ରମ।

**ବାଲେଶ୍ୱର ଅଫିସ, ୩୦।୧୧**

ବାଲେଶ୍ୱର ରେମୁଣା ଗୋଲେଇ ନିକଟସ୍ଥ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସ୍ ପରିସରରେ ଔଷଧୀୟ ଚାରାରୋପଣ କରାଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଚାରା ଲଗାଇବା ସହ ଏହି ମହତ ପଦକ୍ଷେପ ସମାଜ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ଚାରାରୋପଣ ସହିତ ଏହାର ଯତ୍ନ ନେଲେ ହିଁ ଆମ ସମାଜ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଚାରାରୋପଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବେଲ ଗଛ, ଅଁଳା, ଡାଳିମ୍ବ, କାଶାନି, ହଳଦୀ, ହରିଡ଼ା, ବାହାଡ଼ା, ଲେମ୍ବୁଗଛ, ଗୋଲମରିଚ, ମେଥି ଭଳି ୮୦ରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ଗୁରୁତ୍ୱ

**ଏମ୍‌ପିଙ୍କ ସହ ଆଲୋଚନା କଲା କ୍ରିୟାନୁଷ୍ଠାନ କମିଟି**

**ବାଲେଶ୍ୱର ଅଫିସ, ୩୦।୧**

ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ବୁଧବାର ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସମ୍ପର୍କରେ ଆଲୋଚନା କରିଛନ୍ତି। ମଞ୍ଜୁରୀପ୍ରାପ୍ତ ଆୟୁଷ ହସ୍‌ପିଟାଲ, ନର୍ସିଂ କଲେଜ ଓ ଫାର୍ମାସିଷ୍ଟ କଲେଜ ନିର୍ମାଣ କାର୍ଯ୍ୟ, ଏମ୍‌ସ ହସ୍‌ପିଟାଲର ବହିର୍ବିଭାଗକୁ ୭ଦିନ କାର୍ଯ୍ୟକ୍ଷମ କରିବା ଓ ମେଡିକାଲ୍ କଲେଜର ରୋଗୀ କଲ୍ୟାଣ ସମିତିରେ କ୍ରିୟାନୁଷ୍ଠାନ କମିଟିର ଦୁଇଜଣ ପ୍ରତିନିଧିଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ସହ ଏଥିପାଇଁ ଆଲୋଚନା କରିବାକୁ ଏମ୍‌ପି ଷଡ଼ଙ୍ଗୀ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। କ୍ରିୟାନୁଷ୍ଠାନ କମିଟି ସଭାନେତ୍ରୀ ମମତା



ଏମ୍‌ପିଙ୍କ ସହ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ମହାପାତ୍ରଙ୍କ ସମେତ ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ ଓ ଆୟୁଷ ଡାକ୍ତର ଡା. ଲକ୍ଷ୍ମୀକାନ୍ତ ହୋତା, ଡା. ସୁବାସ ଚନ୍ଦ୍ର ଦାସ, ଡା. ପ୍ରମୋଦ କୁମାର ରାଉତ ପ୍ରତିନିଧି ଦଳରେ ସାମିଲ୍ ଥିଲେ।

## ଚଢ଼େଇଭୋଳକୁ ହରାଇ ମହାଦେଇଯୋଡ଼ା ବିଜୟୀ

**ପାଟଣା,୩୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇ ପଶି ପଞ୍ଚାୟତ କେନ୍ଦେଇ ପଶି ବେହେରା ସାହିରେ ବୁଧବାର ଏଏମ୍‌ବି କ୍ଲବ୍ ପକ୍ଷରୁ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମ ଦିନ ମହାଦେଇ ଯୋଡ଼ା ଓ ଚଢ଼େଇଭୋଳ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହାଦେଇ ଯୋଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ୱିକେଟ୍ ହରାଇ ୯୧ ରନ ସଂଗ୍ରହ କରିଥିଲା। ଚଢ଼େଇଭୋଳ ବିଜୟ ଲକ୍ଷ୍ୟ ପିଛା କରି ସମସ୍ତ ୱିକେଟ୍ ହରାଇ ୬୭ ରନ କରିଥିଲା। ଟିକେଶ୍ୱର ଓ ସୁଶୀଲ ଖେଳ ପରିଚାଳନା କରିଥିବାବେଳେ ଅରୁଣ ମହାନ୍ତ, ଅଜୟ ବେଜ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କୁଡୁମି ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ସ୍ଥାନୀୟ ସମିତି ସଭ୍ୟ ପ୍ରଦୀପ ନାୟକ, ସାମାଜିକ କର୍ମୀ ଦିବ୍ୟଲୋଚନ ସାହୁ, ଯୋଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍‌ର ସୋରାଜ, ସୁନୀଲ, ମଧୁ, ଅଶୋକ ଚୌଧୁରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ଚେତାବନୀ

**ଗୋପବନ୍ଧୁ ନଗର,୩୦।୧୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସାକିଲା ମୁର୍ମୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କ୍ୟାଡର ପୁନର୍ଗଠନ ଦାବିରେ ରାଜ୍ୟ ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକମାନେ ମହାସଂଘ ଜରିଆରେ କାର୍ଯ୍ୟବନ୍ଦ ଡାକରା ଦେବାକୁ ଘୋଷଣା କରିଛନ୍ତି। ଦୀର୍ଘ ଦିନ ଧରି କ୍ୟାଡର ପୁନର୍ଗଠନ କରି ସର୍ବନିମ୍ନ ୪ଟି ପଦୋନ୍ନତି ପାଇଁ ସଂଘ ଦାବି କରିଛି। ଏହା ସହ ପୋଷାକ ଓ ଭତ୍ତା ଆକାରରେ ୫ ହଜାର ଟଙ୍କା, ପ୍ରତ୍ୟେକ ବିଭାଗ କର୍ମଚାରୀ ୪ରୁ ୮ଟି ପଦୋନ୍ନତି ପାଉଥିବା ବେଳେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଗୋଟିଏ ପଦନ୍ନୋତିରେ ଅବସର ନେଉଛନ୍ତି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀର ନାମ ପରିବର୍ତ୍ତନ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ଏହି ୫ଦଫା ଦାବି ସରକାର ଯଥା ଶୀଘ୍ର ପୂରଣ ନ କଲେ ଡିସେମ୍ବର ୭ରୁ କଳାବ୍ୟାଜ୍ ପରିଧାନ, ୧୪ରୁ ଅସହଯୋଗ ଓ ୨୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସୁବର୍ଣ୍ଣ ଜେନା, ସୁଶାନ୍ତ କୁମାର ପରିଡ଼ା, ବିଶ୍ୱଜିତ ଧଳ, କୃପାସିନ୍ଧୁ ସେଠୀ, ମହେନ୍ଦ୍ର ନାଥ ସେଠୀ ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ୧୨ରେ ପାର୍ଲାମେଣ୍ଟ ଘେରିବ କୁଡୁମୀ ସେନା

**ବାରିପଦା ଅଫିସ,୩୦।୧୧:** କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ଅନ୍ତର୍ଭୁକ୍ତ କରିବା ଦାବିରେ ଆସନ୍ତା ଡିସେମ୍ବର ୧୨ରେ ପାର୍ଲାମେଣ୍ଟ ଘେରାଉ କରାଯିବ ବୋଲି କୁଡୁମୀ ସେନାର ପ୍ରତିଷ୍ଠାତା ଅଧକ୍ଷ ଜୈମୁନୀ ମହାନ୍ତ ବୁଧବାର ବାରିପଦାଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର କୁଡୁମୀ ଜନସାଧାରଣ ଅଂଶ ଗ୍ରହଣ କରିବେ। ୧୯୫୦ ସେପ୍ଟେମ୍ବର ୬ତାରିଖଠାରୁ ଆଦିବାସୀ ମାନ୍ୟତା ହରାଇଥିବା କୁଡୁମୀ ଜାତିକୁ ପୁଣି ଥରେ ଆଦିବାସୀ ମାନ୍ୟତା ନେଇ ବାରମ୍ବାର ଦାବି ହୋଇଆସୁଛି। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆନ୍ଦୋଳନକୁ ଜୋରଦାର କରିବାକୁ ସେନା ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ୩ ରାଜ୍ୟର କୁଡୁମୀ ଆନ୍ଦୋଳନକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଝାଡ଼ଖଣ୍ଡ ରାଜ୍ୟରୁ ସେନାର ଅଧକ୍ଷ ଭାବେ ରାଜେଶ ମାହାତୋଙ୍କ ସମେତ ସ୍ନେହାଶିଷ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ମାନଗୋବିନ୍ଦ ମହାନ୍ତ, ଘନ ମହାନ୍ତ, ଗୁଲସନ ମହାନ୍ତ, ଗୋବିନ୍ଦ ମହାନ୍ତ, ସୁମନ୍ତ ମହାନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅମଳ ସମୟରେ ଚକଡ଼ା ଦୁଃଖ



ଚାଷ ଜମିରେ ଚକଡ଼ା ପୋକ।

**ଲଙ୍ଗଳେଶ୍ୱର, ୩୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ସାର୍ଥା ଗ୍ରାମର ହଜାର ହଜାର ହେକ୍ଟର ଚାଷଜମିରେ ଚକଡ଼ା ପୋକ ଲାଗିବା ଯୋଗୁ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଧାନ ଗଛ ଆହାର ନେବା ସମୟରେ ବର୍ଷା ଅଭାବ ଏବଂ ଅମଳ ସମୟରେ ଚକଡ଼ା ପୋକ ଲାଗିବା ଯୋଗୁ ଧାନ ସବୁ ଅଗାଡ଼ି ହୋଇଯାଇଛି। ଏନେଇ ବାରମ୍ବାର କୃଷି ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ଚାଷୀମାନେ ଏବେ କେମିତି ଋଣ ପରିଶୋଧ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଗତ ୟାସ୍ ବାତ୍ୟାରେ ସାର୍ଥା ଗ୍ରାମରେ ୧୨ ହଜାର ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ଲୁଣାପାଣି ମାଡିବା ଯୋଗୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଚଳିତବର୍ଷ ଧାନ ଅମଳ କରି କିଛି ଋଣ ପରିଶୋଧ କରିବେ ବୋଲି ଚାଷୀମାନେ ଆଶା ରଖିଥିଲେ। ମାତ୍ର ଅମଳ ସମୟରେ ଚକଡ଼ା ପୋକ ଚାଷୀଙ୍କ ସ୍ୱପ୍ନକୁ ସାରିଦେଲା। ପରିବାର ମୁହଁରେ ଦାନା ଦେବା ପାଇଁ ମଧ ବିଲରେ ଧାନ ନାହିଁ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ସହ ଋଣଛାଡ଼ କରିବାକୁ ଚାଷୀ କମଳାକାନ୍ତ ମଲ୍ଲିକ, ରଘୁନାଥ ଗିରି, କାର୍ତ୍ତିକ ଜେନା, ଅନନ୍ତ ଜେନା, ବିଜୟ ଜେନା, ମନୋଜ ମଲ୍ଲିକ, ଶିବପ୍ରସାଦ ମାଳିକ, ନିତ୍ୟାନନ୍ଦ ଜେନା, ଅମୁଲ୍ୟ ମଣ୍ଡଳ, ସୁଦର୍ଶନ ବେହେରା, ଅମୂଲ୍ୟ ରଣା, ଚକ୍ରଧର ପଣ୍ଡା, ମୃତ୍ୟୁଞ୍ଜୟ ପାତ୍ରୀ, ସାଦୁ ବାଗ୍ ସିଂ, ଘୁଣ୍ଟୁରା ବାଗ୍ ସିଂ, ଶ୍ରୀଧର ଦଳାଇ, ଭଗିରଥ ପାତ୍ର, ନିରଞ୍ଜନ ବେହେରା, ପଦୁ ମଲିକ, ରମାନାଥ ମଲିକ, ସରକାର ଦଳାଇ, ସୁତୁରା ବେହେରା ପ୍ରମୁଖ ଦାବି କରିଛନ୍ତି।



